ଓଡ଼ିଶା ସରକାର

ଓଡ଼ିଶା ଆମ ଗୌରବ

# ଆସନ୍ତା ଅକ୍ଟୋବର ୨ ଗାନ୍ଧି ଜୟନ୍ତୀରୁ ଆରମ୍ଭ ହେଉଛି ଓଡ଼ିଶାର ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା ।

## ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ହେବାପାଇଁ ଦରଖାସ୍ତ ଆହ୍ୱାନ

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ରୁ ବାଦ୍ ପଡ଼ିଥିବା ଯୋଗ୍ୟ ହିତାଧିକାରୀ ମାନଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ରାଜ୍ୟ ସରକାର ଏକ ନୂତନ "ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା" ର ଶୁଭାରମ୍ଭ କରିବାକୁ ଯାଉଛନ୍ତି, ଯାହା ଆସନ୍ତା ୨ ଅକ୍ଟୋବର, ୨୦୧୮ ଗାନ୍ଧି ଜୟନ୍ତୀ ଠାରୁ ସମଗ୍ର ରାଜ୍ୟରେ କାର୍ଯ୍ୟକାରୀ ହେବ । ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବାପାଇଁ ଯୋଗ୍ୟ ହିତାଧିକାରୀ, ଆସନ୍ତା ୧୩ ଅଗଷ୍ଟ, ୨୦୧୮ ଠାରୁ ୩ ସେପ୍ଟେମ୍ବର, ୨୦୧୮ ତାରିଖ ମଧ୍ୟରେ ନିକଟସ୍ଥ ବ୍ଲକ, ପୌରାଞ୍ଚଳ ଓ ମହାନଗର ନିଗମ ସ୍ତରରେ ଖୋଲା ଯାଇଥିବା ରେସନ୍ କାର୍ଡ଼ ପରିଚାଳନା କେନ୍ଦ୍ର (RCMS Centre) ମାନଙ୍କରେ ନିର୍ଦ୍ଧାରିତ ଫର୍ମ ରେ ଆବେଦନ କରନ୍ତୁ । ସରକାରଙ୍କ ଦ୍ୱାରା ନିର୍ଦ୍ଧାରଣ କରାଯାଇଥିବା ନିମ୍ନଲିଖିତ ୧୧ ଗୋଟି ସ୍ୱତଃ ଯୋଗ ହେବା ମାନଦଣ୍ଡ ଓ ୦୯ ଗୋଟି ବାଦ୍ ଦେବା ମାନଦଣ୍ଡ ଯେଉଁମାନେ ପୂରଣ କରୁଥିବେ, କେବଳ ସେହିମାନେ ହିତାଧିକାରୀ ତାଲିକାରେ ଅନ୍ତର୍ଭୁକ୍ତ ହେବାପାଇଁ ଆବେଦନ କରିପାରିବେ ।

### ୧୧ ଗୋଟି ସ୍ୱତଃ ଯୋଗ ହେବା ମାନଦଣ୍ଡ

- ସମସ୍ତ ଅସୁରକ୍ଷିତ ଆଦିମ ଅଧିବାସୀ (Primitive Tribal Group) ପରିବାର ସମୂହ ।
- ବାସହୀନ ପରିବାର (ଜନ ପ୍ରତିନିଧି/ବ୍ଲକ/ପୌରପାଳିକା ର କୌଣସି ଦାୟିତ୍ୱ ସମ୍ପନ୍ନ ଅଧିକାରୀଙ୍କ ଦ୍ୱାରା ପ୍ରମାଣ ପତ୍ର ଆବଶ୍ୟକ) ।
- ଭିକ୍ଷାବୃତ୍ତି କରି ଜୀବନ ନିର୍ବାହ କରୁଥିବା ନିରାଶ୍ରୟ ବ୍ୟକ୍ତି (ଜନ ପ୍ରତିନିଧି/ବ୍ଲକ /ପୌରପାଳିକା ର କୌଣସି ଦାୟିତ୍ୱ ସମ୍ପନ୍ନ ଅଧିକାରୀଙ୍କ ଦ୍ୱାରା ପ୍ରମାଣ ପତ୍ର ଆବଶ୍ୟକ) ।
- ପରିବାର ଗୁଡ଼ିକରେ ବସବାସ କରୁଥିବା ବିଧବା ଏବଂ ଏକୁଟିଆ ରହୁଥିବା ମହିଳା ଯେଉଁ ମାନଙ୍କର ନିୟମିତ ଆୟ ନ ଥିବ ।
- ପରିବାର ଗୁଡ଼ିକରେ ବସବାସ କରୁଥିବା ଭିନ୍ନକ୍ଷମ ବ୍ୟକ୍ତି (ଶତକଡ଼ା ୪୦ ଭାଗ କିମ୍ବା ତଦୂର୍ଦ୍ଧ ଭିନ୍ନକ୍ଷମ ) ।
- କିନ୍ନର ଆବେଦନକାରୀ ।
- ପରିବାରର ବୃଦ୍ଧ ବ୍ୟକ୍ତି (୬୦ ବର୍ଷ କିମ୍ବା ଊର୍ଦ୍ଧ୍ୱ) ଯେଉଁ ମାନଙ୍କର ନିୟମିତ କିମ୍ବା ସୁନିଶ୍ଚିତ ଜୀବନ ନିର୍ବାହ କରିବାର କୌଣସି ପନ୍ଥା ନ ଥିବ ।
- ବୟସାଧିକ୍ୟ ଯୋଗୁଁ ଶାରିରୀକ କିମ୍ବା ମାନସିକ ଅସୁସ୍ଥତା, ସାମାଜିକ ପ୍ରଥା, ଭିନ୍ନକ୍ଷମ ବା ଅନ୍ୟ କାରଣରୁ ଆର୍ଥିକ ଦୁସ୍ଥିତି, ଲାଭ ଜନକ ନିଯୁକ୍ତି ପାଇଁ ଘରେ କୌଣସି ବୟସ୍କ ରୋଜଗାରକ୍ଷମ ସଦସ୍ୟ ନ ଥିବା ପରିବାର ।
- ଦିନ ମଜୁରୀ ଉପରେ ନିର୍ଭରଶୀଳ ପରିବାର ।
- ବିଭିନ୍ନ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ପରିବାର ।
- କୁଷ୍ଠ, ଏଚ. ଆଇ. ଭି. ବା ଅନ୍ୟାନ୍ୟ ଗୁରୁତର ବ୍ୟାଧିରେ ଆକ୍ରାନ୍ତ ଥିବା ସଦସ୍ୟଙ୍କ ପରିବାର ।

### ୯ ଗୋଟି ବାଦ୍ ଦେବା ମାନଦଣ୍ଡ

- ପରିବାରର ଯେକୌଣସି ସଦସ୍ୟ ୪ ଚକିଆ ଯାନ କିମ୍ବା ଭାରିଯାନର ମାଲିକ ହୋଇଥିବେ ।
- ପରିବାରର ଯେକୌଣସି ସଦସ୍ୟ କେନ୍ଦ୍ର ସରକାର, ରାଜ୍ୟ ସରକାର, ସରକାରୀ ନିଗମ, ସରକାରୀ ଅନୁଦାନ ପ୍ରାପ୍ତ ସ୍ୱୟଂଶାସିତ ସଂସ୍ଥା ଏବଂ ପୌରପାଳିକା (ଏହା ପ୍ରୋତ୍ସାହନ (Incentive) ଏବଂ ମାନଦେୟ (Honorarium) ପାଉଥିବା କର୍ମଚାରୀଙ୍କ କ୍ଷେତ୍ରରୁ ବାଦ୍ ଦିଆଯିବ) ର ନିୟମିତ କର୍ମଚାରୀ ହୋଇଥିବେ ।
- ସହରାଞ୍ଚଳରେ ବେସରକାରୀ ସଂସ୍ଥା ମାନଙ୍କରେ କାର୍ଯ୍ୟରତ କର୍ମଚାରୀ ଯେଉଁମାନେ ମାସିକ ଟ. ୧୫,୦୦୦/- ରୁ ଅଧିକ ବେତନ ପାଉଥିବେ । ଗ୍ରାମାଞ୍ଚଳରେ ବେସରକାରୀ ସଂସ୍ଥା ମାନଙ୍କରେ କାର୍ଯ୍ୟରତ କର୍ମଚାରୀ ଯେଉଁମାନେ ଟ. ୧୦,୦୦୦/- ରୁ ଅଧିକ ବେତନ ପାଉଥିବେ ।
- ଯେଉଁ ପରିବାରର ଯେକୌଣସି ସଦସ୍ୟଙ୍କ ଉଦ୍ୟୋଗ (Enterprise) ଗୁଡ଼ିକ ସାମଗ୍ରୀ ନିର୍ମାଣ ତଥା ସେବା ପ୍ରଦାନ ନିମନ୍ତେ ଉଦ୍ଦିଷ୍ଟ ଏବଂ ସରକାରଙ୍କ ନିକଟରେ ରେଜେଷ୍ଟ୍ରିଭୁକ୍ତ ହୋଇଥିବେ ।
- ପରିବାରରେ ଦୁଇ (୨) କିଲୋୱାଟ କିମ୍ବା ତଦୂର୍ଦ୍ଧ ବିଦ୍ୟୁତ୍ ସଂଯୋଗ ଲୋଡ୍ ଥିବ ଏବଂ/କିମ୍ବା ଯେଉଁ ପରିବାର ମାସିକ ୩୦୦ ୟୁନିଟରୁ ଅଧିକ ବିଦ୍ୟୁତ୍ ଶକ୍ତି ବ୍ୟବହାର କରୁଥିବେ (ବିଗତ ଏକ ବର୍ଷର ହାରାହାରି) ।
- ପରିବାରର କୌଣସି ସଦସ୍ୟ ଆୟକର କିମ୍ବା ବୃତ୍ତିକର ଦେଉଥିବେ ।
- ସହରାଞ୍ଚଳରେ ବାସ କରୁଥିବା ପରିବାରରେ କୌଣସି ସଦସ୍ୟ ମାସିକ ୧୫,୦୦୦/- ଟଙ୍କା ରୁ ଊର୍ଦ୍ଧ୍ୱ ପେନସନ୍ ପାଉଥିବେ କିମ୍ବା ଗ୍ରାମାଞ୍ଚଳରେ ବାସ କରୁଥିବା ପରିବାରର କୌଣସି ସଦସ୍ୟ ମାସିକ ୧୦,୦୦୦/- ଟଙ୍କା ରୁ ଊର୍ଦ୍ଧ୍ୱ ପେନସନ୍ ପାଉଥିବେ ।
- ପରିବାର ସଦସ୍ୟଙ୍କ ନାମରେ ଟ୍ରାକ୍ଟର କିମ୍ବା ହାର୍ଭେଷ୍ଟର୍ ଥିବ ।
- ପରିବାରରେ ସିମେଣ୍ଟ କଂକ୍ରିଟ ଛାତ ସହିତ ଯାହାର ୩ କିମ୍ବା ତତୋଧିକ କୋଠରୀ ବିଶିଷ୍ଟ ଗୃହ ଥିବ, ଯାହା ଓଡ଼ିଶା ଆବାସ ଯୋଜନା, ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘର କିମ୍ବା ନିର୍ମାଣ ଶ୍ରମିକ ଯୋଜନାରେ ନିର୍ମାଣ କରାଯାଇନଥିବ ।



ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ
ଓଡ଼ିଶା ସରକାର